# ପୌରପରିଷଦ କାର୍ଯ୍ୟାଳୟ, ସୁନ୍ଦରଗଡ

ସଂଖ୍ୟା ୯୮୭୦ ତାରିଖ ୧୯.୧୨.୨୦୨୨

ଏତଦ ଦ୍ଵାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ସୁଚାଇ ଦିଆଯାଉଛି କି ସୁନ୍ଦରଗଡ଼ ପୌରପରିଷଦ ଅଧିନରେ ଥିବା ନିମ୍ନଲିଖିତ ସାଇରାତ ଗୁଡିକ ୧(ଏକ) ବର୍ଷ ପାଇଁ ଜଉ ମୁଦ ଟେଣ୍ଡର ମାଧ୍ୟମରେ ଆବଣ୍ଟନ କରାଯିବ । ଆଗ୍ରହୀ ବ୍ୟକ୍ତି / ଅନୁଷ୍ଠାନ ନିର୍ଦ୍ଧାରିତ ତାରିଖ ଓ ସମୟରେ ଜଉମୁଦ ଟେଣ୍ଡରରେ ଅଂଶ ଗ୍ରହଣ କରିପାରିବେ ।

ବିଭିନ୍ନ ସାଇରାତ ଗୁଡିକର ନିର୍ଦ୍ଧାରିତ ମୂଲ୍ୟ ଓ ଅମାନତ ଟଙ୍କାର ବିବରଣୀ ତଥା ନିଲାମର ସର୍ତ୍ତାବଳୀ ନିମ୍ନମତେ ଦିଆଗଲା ।

| କ୍ରମିକ ନ | ସାଇରାତ ର ନାମ | ନିର୍ଦ୍ଧାରିତ ମୂଲ୍ୟ | ଅମାନତ ରାଶି |
|---|---|---|---|
| ୧ | ଡେଲି ମାର୍କେଟ (ଆର.ଏମ.ସି ଏରିଆ ବ୍ୟତିତ ) | ଟ. ୧୨,୦୯,୮୭୯.୦୦ | ଟ. ୧,୨୦,୯୮୮.୦୦ |
| ୨ | ରିଜେଣ୍ଟ ମାର୍କେଟ | ଟ. ୧୮,୬୩୪.୦୦ | ଟ. ୧୯୦୦.୦୦ |
| ୩ | ରଙ୍ଗାଢିପା ମାର୍କେଟ | ଟ. ୧,୫୧,୨୫୦.୦୦ | ଟ. ୧୫,୨୦୦.୦୦ |
| ୪ | ଶଙ୍କରା ମାର୍କେଟ | ଟ.୭୨,୬୦୦.୦୦ | ଟ. ୭,୩୦୦.୦୦ |
| ୫ | ଟାକ୍ସି ଷ୍ଟାଣ୍ଡ (ପ୍ରାଇଭେଟ ବସ ଷ୍ଟାଣ୍ଡ ) | ଟ. ୧,୨୨,୪୪୮.୦୦ | ଟ. ୧୨,୨୫୦.୦୦ |
| ୬ | ଟାକ୍ସି ଷ୍ଟାଣ୍ଡ (ମୁନିସିପାଲିଟି ଅଫିସ ପାଖ) | ଟ. ୬୬,୫୫୦.୦୦ | ଟ. ୬,୭୦୦.୦୦ |
| ୭ | ମାଲ ବୁହା ଟେମ୍ପୋ ଷ୍ଟାଣ୍ଡ (ବି .ଏସ. ହାଇସ୍କୁଲ ପାଖ ଓ ଧର୍ମଶାଳା ସ୍କୁଲ ପାଖ ) | ଟ. ୨୬,୬୨୦.୦୦ | ଟ. ୨,୭୦୦.୦୦ |
| ୮ | ଗାଡି/ ସାଇକେଲ ରଖିବା ସ୍ଥାନ (ମୁନିସିପାଲିଟି ଅଫିସ ରୁ ଶଙ୍କରା) | ଟ. ୬,୬୫୫.୦୦ | ଟ. ୭୦୦.୦୦ |
| ୯ | ଗାଡି/ ସାଇକେଲ ରଖିବା ସ୍ଥାନ (CDMO ଅଫିସ ଛକରୁ ବିଜୟା ଟକୀଜ ଅଭିମୁଖେ ) | ଟ. ୬,୬୫୫.୦୦ | ଟ. ୭୦୦.୦୦ |
| ୧୦ | ଗାଡି/ ସାଇକେଲ ରଖିବା ସ୍ଥାନ (Reliance Digital ରୁ ଡ଼ି. ଆର. ଡ଼ି. ଏ ଛକ ଅଭିମୁଖେ ) | ଟ. ୬,୬୫୫.୦୦ | ଟ. ୭୦୦.୦୦ |
| ୧୧ | ଗାଡି/ ସାଇକେଲ ରଖିବା ସ୍ଥାନ (ଡ଼ି. ଆର. ଡ଼ି. ଏ ଛକରୁ ପାଲ ହୋଟେଲ ଓ ପଞ୍ଚମୁଖୀ ହନୁମାନ ମନ୍ଦିର ଅଭିମୁଖେ) | ଟ. ୬,୬୫୫.୦୦ | ଟ. ୭୦୦.୦୦ |
| ୧୨ | ଗାଡି/ ସାଇକେଲ ରଖିବା ସ୍ଥାନ (ଡ଼ି. ଏଫ. ଓ ଅଫିସ ରୁ ଧର୍ମଶାଳା ) | ଟ. ୬,୬୫୫.୦୦ | ଟ. ୭୦୦.୦୦ |
| ୧୩ | ଗାଡି/ ସାଇକେଲ ରଖିବା ସ୍ଥାନ (ନୂଆ ବସ ଷ୍ଟାଣ୍ଡ ଲୁହୁରାଡିପା) | ଟ. ୬,୬୫୫.୦୦ | ଟ. ୭୦୦.୦୦ |

## ସର୍ତ୍ତାବଳୀ

୧. ପୂର୍ବ ବର୍ଷର ସାଇରାତ ର ବକେୟା ଦେୟ ଥିବା ବ୍ୟକ୍ତି/ ଅନୁଷ୍ଠାନ ଉକ୍ତ ନିଲାମରେ ଭାଗ ନେଇ ପାରିବେ ନାହିଁ ।

୨. ଟେଣ୍ଡରରେ ଭାଗ ନେବାକୁ ଇଚ୍ଛୁକ ବ୍ୟକ୍ତି/ ଅନୁଷ୍ଠାନ ନିର୍ଦ୍ଧାରିତ ସମୟରେ ଟ. ୧୦୦୦ ଙ୍କା ମୂଲ୍ୟର ଆବେଦନ ଫର୍ମ ପୂରଣ କରି ସମ୍ପୃକ୍ତ ଅମାନତ ରାଶି ଟଙ୍କା ଜମା କରି ସାଇରାତ ଟେଣ୍ଡରରେ ଅଂଶ ଗ୍ରହଣ କରିପାରିବେ । ଟେଣ୍ଡରରେ , ଦଖଲକାରୀ ନିର୍ଦ୍ଧାରିତ ସାଇରାତ ର ଅମାନତ ରାଶି ପୌରପାଳିକା ପାଣ୍ଠି ରେ ଜମା କରି ରସିଦ କୁ ଆବେଦନ ଫର୍ମ ସହିତ ସଂଲଗ୍ନ କରିବେ । ତତ ସଙ୍ଗେ ସଙ୍ଗେ ବ୍ୟକ୍ତି ବିଶେଷ ଙ୍କର ନିଜ ଘର ର ହୋଲଡିଙ୍ଗ ଟିକସ (2022-23) ସୁଦ୍ଧା ପଇଠ ହୋଇଥିବ, ଆଧାର ର ନକଲ କୁ ଆବେଦନ ଫର୍ମ ସହିତ ସଂଲଗ୍ନ କରିବେ ।

୩. ଆବେଦନକାରି ସୁନ୍ଦରଗଡ଼ ପୌରାଞ୍ଚଳ ରେ ବସବାସ କରୁଥିବା ଜରୁରୀ।

୪ ଯାହାଙ୍କ ସପକ୍ଷରେ ସର୍ବୋଚ ଡାକ ନିଲାମ ସିଦ୍ଧ ହେବ, ସେ ଉକ୍ତ ନିଲାମ ପୂର୍ଣ ରାଶି ଏକକାଳୀନ ଦାଖଲ କରିବେ। ନଚେତ ତାଙ୍କର ଅମାନତ ରାଶି ଟଙ୍କା ବ୍ୟଜାପ୍ତି କରାଯାଇ ପରବର୍ତ୍ତୀ ସର୍ବୋଚ ନିଲାମ ଦର ଦାଖଲକାରୀ ବ୍ୟକ୍ତିଙ୍କୁ ସାଇରାତ ଆବଣ୍ଟନ କରାଯିବ । ନଚେତ ଉକ୍ତ ସାଇରାତ ପୁନର୍ବାର ନିଲାମ ଡକା ଯିବ ।

୫. ଟେଣ୍ଡର ସଙ୍କ୍ରାତୀୟ ତଥ୍ୟ ପୌରପାଳିକା କାର୍ଯ୍ୟାଳୟ ରେ ନିମ୍ନ କାର୍ଯ୍ୟସୂଚୀ ଅନୁଯାୟୀ ସରକାରୀ ଦିବସ ମାନଙ୍କ ରେ ମିଳିପାରିବ ।

କ) ତା: ୨୦.୧୨.୨୦୨୨ ରିଖ ରୁ ତା: ୨୮.୧୨.୨୦୨୨ ରିଖ (ଦିବା ୧୨.୦୦ ଘଟିକା ପର୍ଯ୍ୟନ୍ତ ) ଟେଣ୍ଡର ପେପର ବିକ୍ରୟ କରାଯିବ ।

ଖ) ତା: ୨୮.୧୨.୨୦୨୨ ରିଖ ଅପରାହ୍ନ ୩.୦୦ ଘଟିକା ପର୍ଯ୍ୟନ୍ତ ଟେଣ୍ଡର ଗ୍ରହଣ କରାଯିବ ( Speed Post/ Regd. Post ) ।

ଗ) ତା: ୨୮.୧୨.୨୦୨୨ ରିଖ ଅପରାହ୍ନ ୪.୩୦ ଘଟିକା ଟେଣ୍ଡର ଖୋଲାଯିବ ।

୬. ନିମ୍ନ ସ୍ୱାକ୍ଷରକାରୀ ଯେ କୌଣସି ନିଲାମ ଡାକ ଓ ଆବଣ୍ଟନ ବାବଦରେ ଚୁଡାନ୍ତ ନିଷ୍ପତ୍ତି ଗ୍ରହଣ କରିପାରିବେ ।

ମଧୁସ୍ମିତା ସିଂ
କାର୍ଯ୍ୟନିର୍ବାହୀ ଅଧିକାରୀ,
ସୁନ୍ଦରଗଡ଼ ପୌରପରିଷଦ

ଜ୍ଞାପକ ସଂଖ୍ୟା ୩୮୭୪ ତା ୧୯.୧୨.୨୦୨୨

ଏହାର ଏକକିତା ନକଲ ପୌର ପରିଷଦ କାର୍ଯ୍ୟାଳୟ ନୋଟିସ ବୋର୍ଡ/ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ନୋଟିସ ବୋର୍ଡ /ଉପ-ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ନୋଟିସ ବୋର୍ଡ/ତହସିଲଦାର, ସଦର, ସୁନ୍ଦରଗଡ଼ ଙ୍କ କାର୍ଯ୍ୟାଳୟ ନୋଟିସ ବୋର୍ଡ କୁ ପ୍ରେରଣ କରାଯାଇ ପ୍ରକାଶ କରିବା ପାଇଁ ଅନୁରୋଧ କରାଗଲା।

କ୍ୟାସିଅର କୁ ଆଦେଶ ଦିଆଗଲା କି ଟେଣ୍ଡର ଆବେଦନକାରୀଙ୍କୁ ଟ . ୧,୦୦୦.୦୦ ରେ ବିକ୍ରି କରି ଉପଯୁକ୍ତ ରସିଦ ପ୍ରଦାନ କରିବେ ।

ମଧୁସ୍ମିତା ସିଂ
କାର୍ଯ୍ୟନିର୍ବାହୀ ଅଧିକାରୀ,
ସୁନ୍ଦରଗଡ଼ ପୌରପରିଷଦ

ଜ୍ଞାପକ ସଂଖ୍ୟା ୩୮୭୫ ତା ୧୯.୧୨.୨୦୨୨

ଏହାର ଏକକିତା ନକଲ DIO, ସୁନ୍ଦରଗଡ଼ କୁ ପ୍ରେରଣ କରାଯାଇ sundergarh.nic.in ରେ ପ୍ରକାଶ କରିବା ପାଇଁ ଅନୁରୋଧ କରାଗଲା।

ମଧୁସ୍ମିତା ସିଂ
କାର୍ଯ୍ୟନିର୍ବାହୀ ଅଧିକାରୀ,
ସୁନ୍ଦରଗଡ଼ ପୌରପରିଷଦ